# ବିଜେଡି ସହ ମେଣ୍ଟ ଭାଙ୍ଗିବାରୁ କ୍ଷତିରେ ଭାଜପା

■ ଗଞ୍ଜାମରେ ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଛି ୩ ନିର୍ବାଚନ

■ ଜିଲାରୁ ଜଣେ ବି ନିର୍ବାଚିତ ହୋଇନାହାନ୍ତି

ବ୍ରହ୍ମପୁର ଅଫିସ,୯।୫

ବିଜେଡି ସହ ମେଣ୍ଟ ଭାଙ୍ଗିବା ପରେ ଗଞ୍ଜାମ ଜିଲାରୁ ଭାଜପାର ଜଣେ ବି ନିର୍ବାଚିତ ହୋଇନାହାନ୍ତି ଏମ୍‌ପି କିମ୍ବା ବିଧାୟକ। ୧୯୯୭ ଏପ୍ରିଲ ୧୭ରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ପରେ ପୁତ୍ର ନବୀନ ପଟ୍ଟନାୟକ ଓଡ଼ିଶା ରାଜନୀତିକୁ ଆସିଥିଲେ। ଆସିକା ଲୋକ ସଭା ଆସନର ଉପନିର୍ବାଚନରେ ସେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ୧୯୯୮ରେ ନୂଆ କରି ନବୀନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଗଠନ ହେଲା। ରାଜ୍ୟରେ କଂଗ୍ରେସକୁ ଚେକ୍ ଦେବା ପାଇଁ ବିଜେଡି ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ଗଠବନ୍ଧନ ହୋଇଥିଲା। ୧୯୯୯ ଲୋକ ସଭା ନିର୍ବାଚନରେ ଆସନ ବୁଝାମଣା ପ୍ରକାରେ ଆସିକା ବିଜେଡି ଭାଗରେ ଏବଂ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଭାଜପାକୁ ଦିଆଯାଇଥିଲା। ଆସିକାରୁ ନବୀନ ଏବଂ ବ୍ରହ୍ମପୁରରୁ ଭାଜପା ପ୍ରାର୍ଥୀ ଅନାଦି ସାହୁ ଏମ୍‌ପି ହୋଇଥିଲେ। ୨୦୦୪ ଲୋକ ସଭା ନିର୍ବାଚନରେ ମଧ୍ୟ ଆସିକାରୁ ବିଜେଡି ପ୍ରାର୍ଥୀ ହରିହର ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ବ୍ରହ୍ମପୁର ଆସନରୁ ଭାଜପା ପ୍ରାର୍ଥୀ ଅନାଦି ସାହୁ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କ ଦ୍ୱାରା ପରାଜିତ ହେଲେ।

୨୦୦୦ ବିଧାନସଭା ନିର୍ବାଚନରେ ନବୀନ ହିଞ୍ଜିଳି ଆସନରୁ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଭୋଟ ବ୍ୟବଧାନରେ ଜିତି ପ୍ରଥମ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ ହେଲେ। ସେହି ନିର୍ବାଚନରେ ଛତ୍ରପୁର ଓ ସୋରଡ଼ା ସେଗ୍‌ମେଣ୍ଟ ଭାଜପାକୁ ଛଡ଼ା ଯାଇଥିଲା। ଛତ୍ରପୁରରୁ ଜିତି ରାମଚନ୍ଦ୍ର ପଣ୍ଡା ଉପବାଚସ୍ପତି ପଦ ପାଇଥିଲେ। ସୋରଡ଼ା ଆସନର ଭାଜପା ପ୍ରାର୍ଥୀ କଂଗ୍ରେସର ଉଷାରାଣୀ ପଣ୍ଡାଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୨୦୦୪ ବିଧାନସଭା ନିର୍ବାଚନରେ ଛତ୍ରପୁର ଓ ସୋରଡ଼ା ଆସନ ପୁଣି ଭାଜପା ଭାଗରେ ପଡ଼ିଥିଲା। ଛତ୍ରପୁରରୁ ରାମ ପଣ୍ଡା ସିପିଆଇ ପ୍ରାର୍ଥୀ ଏନ୍. ନାରାୟଣ ରେଡ୍ଡୀଙ୍କ ଦ୍ୱାରା ପରାସ୍ତ ହୋଇଥିବା ବେଳେ ସୋରଡ଼ାରୁ ଧରାକୋଟ ରାଜା କିଶୋର ଚନ୍ଦ୍ର ସିଂହଦେଓ ନିର୍ବାଚିତ ହୋଇଥିଲେ। ମେଣ୍ଟ ରାଜନୀତି ବେଳେ ୧୯୯୯ରୁ ୨୦୦୪ ମଧ୍ୟରେ ହୋଇଥିବା ଦୁଇ ଲୋକ ସଭା ଏବଂ ଦୁଇ ବିଧାନସଭା ନିର୍ବାଚନରେ ଏହି ଜିଲାରୁ ଭାଜପାର ଜଣେ ଏମ୍‌ପି ଓ ଦୁଇଜଣ ବିଧାୟକ ହୋଇଥିଲେ। ଭାଜପାର କେତେଜଣ ନେତା ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିଲେ।

୨୦୦୮ରେ କନ୍ଧମାଳ ଜିଲାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାକୁ ନେଇ ଦୁଇ ଦଳର ଗଠବନ୍ଧନ ଭାଙ୍ଗିଗଲା ଓ ଭାଜପାକୁ ତଡ଼ି ଦେଲା ବିଜେଡି। ଫଳରେ ଏକାକୀ ମାଡ଼ି ଚାଲିଛି ବିଜୁ ଜନତା ଦଳ ଏବଂ କ୍ଷତିରେ ପଡ଼ିଛି ଭାଜପା। ୨୦୦୯ ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ବିଧାନସଭା ନିର୍ବାଚନରେ ଗଞ୍ଜାମରୁ ଭାଜପାର ଜଣେ ବି ଏମ୍‌ପି ଓ ବିଧାୟକ ହୋଇନାହାନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡି ସହ କଂଗ୍ରେସ ଲଢ଼େଇ କରିଥିଲା ଓ ଭାଜପା ପ୍ରାର୍ଥୀମାନେ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସର ଦୁର୍ବଳ ପ୍ରାର୍ଥୀ ଚୟନ ଯୋଗୁ ଭାଜପା ଏହାର ସୁଯୋଗରେ ଦ୍ୱିତୀୟ ସ୍ଥାନ ଦଖଲ କରିଛି। ତେଣୁ ସାଂଗଠନିକ ଶକ୍ତି ବୃଦ୍ଧି ପାଇଥିବା ବାହାବା ନେଇ ଆଗାମୀ ୨୦୨୪ ନିର୍ବାଚନକୁ ନେଇ ପ୍ରସ୍ତୁତ ହେଉଥିବା ବେଳେ ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁ ନିର୍ବାଚନ ଫଳାଫଳ ଭାଜପା ବିପକ୍ଷରେ ଯାଇଛି। ତେଣୁ ଏବେଠୁ ଜନମତ ଭିନ୍ନ ଦିଗରେ ଗତି କରିବା ଆରମ୍ଭ ହୋଇଯାଇଛି। ଏଭଳି ସ୍ଥିତିରେ ଭାଜପାକୁ କେତେ ସଫଳତା ମିଳିବ ସେନେଇ ଚାଲିଛି ଚର୍ଚ୍ଚା।



୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଟାଇଁ ଟାଇଁ ଖରା ତଥା ଲକଡାଉନ ଓ ଶଟ୍‌ଡାଉନକୁ ଭ୍ରୂକ୍ଷେପ ନ କରି ଜହମି ଛକ ନିକଟରେ ଜଣେ ଭିନ୍ନକ୍ଷମ ଯୁବକ ଝୁମ୍ପୁଡି କୁଡ଼ିଆ ତଳେ ଶୋଇଛନ୍ତି।

## ସଂକ୍ଷେପରେ

### ବାହାରେ ବୁଲୁଛନ୍ତି ଆକ୍ରାନ୍ତ, ପଦକ୍ଷେପ ନେବାକୁ ଦାବି

**ପୁରୁଷୋତ୍ତମପୁର,୯।୫(ଡି.ଏନ.ଏ.):** ପୁରୁଷୋତ୍ତମପୁର ଅଞ୍ଚଳରେ ଦିନକୁ ଦିନ କରୋନା ତାର କାୟା ବିସ୍ତାର କରିବାରେ ଲାଗିଛି। ଦ୍ୱିତୀୟ ଲହରରେ ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କ କ୍ଷେତ୍ରରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ପଜିଟିଭ୍ ଥିବା କିଛି ବ୍ୟକ୍ତି ଘରେ ରହିବା ବଦଳରେ ଖୁଲୁମଖୋଲା ବୁଲୁଛନ୍ତି। ଯାହାଦ୍ୱାରା କରୋନା ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେଇ ପଜିଟିଭ୍ ବାହାରକୁ ନ ଆସି ନିଜ ନିଜର ଘରେ ରହି ଯେପରି ଚିକିତ୍ସିତ ହେବେ ସେଥିଲାଗି ପଦକ୍ଷେପ ନିଅନ୍ତୁ ଓ ପୂର୍ବପରି ଘର କାନ୍ଥରେ ପୋଷ୍ଟର ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି। ପୁରୁଷୋତ୍ତମପୁର ଏନ୍‌ଏସିରେ ଏହି ଦ୍ୱିତୀୟ ଲହରରେ ଜଣକ ମୃତ୍ୟୁ ଘଟିଥିବା ବେଳେ ୩୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୭ ଜଣ ସୁସ୍ଥ ହୋଇଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ୪୫ ଜଣ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୨୪ ଜଣ ସୁସ୍ଥ ହୋଇଛନ୍ତି।

### ମଦ ଜବତ, ୪ ଗିରଫ

**ବ୍ରହ୍ମପୁର ଅଫିସ୍,୯।୫:** ଅବକାରୀ ଗୁଇନ୍ଦା ବିଭାଗ ରବିବାର ଅପରାହ୍ନରେ ସୁକୁଣ୍ଡା ଓ ହରିଡ଼ାଖଣ୍ଡିର ପୃଥକ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏ ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଣିଗ୍ରାହୀ ପେଣ୍ଠ ସାହିର ରିଙ୍କୁ ସାହୁ, ଗେଟ୍ ବଜାରର ଗୁଡ୍ଡୁ ବେହେରା, ନେହେରୁ ନଗର ଦଶମ ଲାଇନ୍‌ର ଅମୁଲ୍ୟ ନାୟକ ଓ ଆସିକା ରୋଡ଼ ବାଲାଜୀ ପେଣ୍ଠର ସନ୍ତୋଷ ସେଠୀ। ଅଭିଯୁକ୍ତଙ୍କମାନଙ୍କଠାରୁ ୧୦୦ ଲିଟର ଦେଶୀ ରନ୍ଧା ମଦ, ୨୪ ଲିଟର ବିଦେଶୀ ମଦ ଓ ୨ଟି ସ୍କୁଟି ଜବତ ହୋଇଛି। ଚଢ଼ାଉ ବେଳେ ଅବକାରୀ ବିଭାଗ ଇନିସ୍‌ପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ୍ ଉପସ୍ଥିତ ଥିଲେ।

### ଆମ ପୋଲିସ ସମିତି ବୈଠକ

**ଶେରଗଡ,୯।୫(ଡି.ଏନ.ଏ.):** ଶେରଗଡ଼ ଥାନାରେ ରବିବାର କୋଭିଡ୍ କଟକଣା ମଧ୍ୟରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶେରଗଡ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ମମତା କୁମାରୀ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସଭ୍ୟ ସୂର୍ଯ୍ୟନାରାୟଣ ଦାଶଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆମ ପୋଲିସ ସମିତିର କାର୍ଯ୍ୟଧାରା ଯେପରି ବଦଳାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସମିତି ପକ୍ଷରୁ ନୂତନ ଅଧିକାରୀ କୁମାରୀ ସାମନ୍ତରାୟଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିବା ବେଳେ ପୂର୍ବ ଥାନାଧିକାରୀଙ୍କୁ ଉପଢ଼ୌକନଦେଇ ଶୁଭେଚ୍ଛା ଜଣାଇଥିଲେ। ସଭ୍ୟ ହୃଷୀକେଶ ପାଢ଼ୀ ଓ ବି.ଚେଇନ ପାତ୍ର, ସଭ୍ୟ ସିତାରାମ ପଟ୍ଟନାୟକ, ଦୁର୍ଗାମାଧବ ବିଷୋୟୀ, କାହ୍ନୁଚରଣ ପଟ୍ଟନାୟକ, ପ୍ରସନ୍ନକୁମାର ପଣ୍ଡା, ଗୌରହରି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସଭ୍ୟ ସତ୍ୟନାରାୟଣ ପାତ୍ର ଓ ବରିଷ୍ଠ ନାଗରିକ ସଭ୍ୟ ବୈଦ୍ୟନାଥ ମିଶ୍ରଙ୍କ ବିୟୋଗରେ ୨ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଏସଆଇ ବିଦେଶୀ ସେଠୀ, ଏଏସ୍‌ଆଇ କାଳିଚରଣ ପ୍ରହାରାଜ, ବିଷ୍ଣୁ ପ୍ରସାଦ ଦାଶଙ୍କ ସମେତ ସମସ୍ତ ସଭ୍ୟମାନେ ଯୋଗଦେଇଥିଲେ।

### ଗଜପତି ଜିଲା କାର୍ଯ୍ୟକାରିଣୀ ବୈଠକ

**ପାରଳାଖେମୁଣ୍ଡି,୯।୫(ଡି.ଏନ୍.ଏ.):** ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଗଜପତି ଜିଲାର ପ୍ରଥମ ଭର୍ଚୁଆଲ କର୍ମଶାଳା ଜିଲା ସଭାପତି ପ୍ରଶାନ୍ତ କୁମାର ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସଙ୍ଗଠନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ ଯୋଗ ଦେଇଥିଲେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଓ ବ୍ଲକରେ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର କମିଟି ଗଠନ ଓ ଜିଲା ମୁଖ୍ୟାଳୟରେ ସେମିନାର ଆୟୋଜନ କରି ଜନସଂଖ୍ୟା ବୃଦ୍ଧି ଯୋଗୁ ଉପୁଜୁଥିବା ସମସ୍ୟାକୁ ଉତ୍ଥାପନ କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକକୁ ସଙ୍ଗଠନର ଜିଲା ସାଧାରଣ ସମ୍ପାଦକ ସଞ୍ଚାଳନ କରିଥିଲା ବେଳେ ରାଜ୍ୟ ସଙ୍ଗଠନ ମହମନ୍ତ୍ରୀ ମିହିର ପାଣି, ରାଜ୍ୟ ସମ୍ପାଦିକା ମଞ୍ଜୁଲତା ମଲ୍ଲିକ, ସୋସିଆଲ ମିଡିଆ ପ୍ରମୁଖ ଦିଲୀପ କୁମାର ସାହୁ ଏବଂ ଅଞ୍ଜଳି ନାୟକ, ଗଜପତି ଜିଲା ପ୍ରଭାରୀ ସୂର୍ଯ୍ୟ ନାରାୟଣ ଦାସ ଉପସ୍ଥିତ ଥିଲେ। ଜିଲାର ସାଧାରଣ ସମ୍ପାଦକ ଅମିତାଭ ଗନ୍ତାୟତ ସ୍ୱାଗତ ଭାଷଣ ଦେଇଥିଲେ। ଶଶୀ ପଟ୍ଟନାୟକ ବୈଠକକୁ ପରିଚାଳନା କରିଥିଲେ।




ମାତୃ ଦିବସ ଅବସରରେ ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ବଟେଶ୍ୱର ଶୈବପୀଠ ନିକଟ ସମୁଦ୍ର ବେଳାଭୂମିରେ ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ଓ ରାହୁଲ ପ୍ରଧାନଙ୍କ ବାଲୁକା କଳାକୃତି।

# ଶଟ୍‌ଡାଉନ ବେଳେ ପୋଲିସ ଯାଞ୍ଚ କଡ଼ାକଡ଼ି

**୮୧ ହଜାର ଜରିମାନା ଆଦାୟ**

ବ୍ରହ୍ମପୁର ଅଫିସ,୯।୫

କରୋନା ପାଇଁ ରାଜ୍ୟବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯାଇଛି। ଏପରିକି ସପ୍ତାହାନ୍ତ ଶଟ୍‌ଡାଉନ ମଧ୍ୟ ଜାରି ରହିଛି। ଜରୁରୀ କାମ ବ୍ୟତୀତ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପୋଲିସ ତରଫରୁ ଯାଞ୍ଚ ଜୋରଦାର କରାଯାଇଛି। ବ୍ରହ୍ମପୁର ସହରର ବିଭିନ୍ନ ପ୍ରବେଶ ପଥ ଓ ବିଭିନ୍ନ ଛକରେ ପୋଲିସ ଟିମ୍ ଜଗି ରହିଛି। ଶଟଡାଉନ୍ ସମୟରେ ଗତ ୮ ତାରିଖ ସକାଳୁ ୯ ତାରିଖ ସକାଳ ପର୍ଯ୍ୟନ୍ତ ୨୪ଘଣ୍ଟା ମଧ୍ୟରେ ୧୬୨ ଗାଡ଼ି ଚାଳକଙ୍କୁ ୮୧ ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଛି। ରବିବାର ମଧ୍ୟ ସହରରେ ଯାଞ୍ଚ ଜୋରଦାର କରାଯାଇଛି। ଶଟଡାଉନ୍ ସମୟରେ ସମସ୍ତ ପରିବା ଓ ରାଶନ ସାମଗ୍ରୀ କିଣିବା ପାଇଁ କଟକଣା ଜାରି କରାଯାଇଛି। ତଥାପି କିଛି ଲୋକ ନିୟମ ନ ମାନି ସହରରେ ଘୂରି ବୁଲୁଛନ୍ତି। ଏମାନଙ୍କୁ ପୋଲିସ ସାବାଡ଼ କରୁଛି। ଗତ ୨୪ଘଣ୍ଟା ମଧ୍ୟରେ ବ୍ରହ୍ମପୁର ପୋଲିସ ତରଫରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଲୋକଙ୍କଠାରୁ ୧୮ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ୯ଟି ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ମାମଲାରେ ୩ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଶଟ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ୧୬ ଜଣଙ୍କଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଶଟ୍‌ଡାଉନ ବେଳେ ଖୋଲାଥିବା ୪ ଦୋକାନ ବନ୍ଦ କରାଯାଇ ଦୋକାନୀଙ୍କଠାରୁ ୧୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଟୁଇଟ୍ ଯୋଗେ ରବିବାର ସୂଚନା ଦେଇଛନ୍ତି।

# ପ୍ରାଣୀ, ଅସହାୟଙ୍କୁ ସାହା ହେଲା ପ୍ରଶାସନ

ବୁଗୁଡ଼ା,୯।୫(ଡି.ଏନ.ଏ.)

ବୁଗୁଡ଼ାରେ ଶନିବାର ଏବଂ ରବିବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ସହରରେ ବୁଲୁଥିବା ଗୋରୁ ଗାଈ କୁକୁର ଓ ଅସହାୟ ମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ଏହି ବ୍ୟବସ୍ଥା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଗୁଡା ଏନ୍‌ଏସି ପ୍ରଶାସନ ପକ୍ଷରୁ ଏଥି ସକାଶେ ଦୈନିକ ପ୍ରାୟ ଅତି ବେଶୀରେ ୨ ହଜାର ଟଙ୍କା ଖର୍ଚ୍ଚ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ମଣିଷ ସମାଜ ଏବଂ ପ୍ରାଣୀ ଜଗତ ଉଭୟ ପରସ୍ପର ନିର୍ଭରଶୀଳ। ତେଣୁ ଏ ଦୁର୍ଦ୍ଦିନ ସମୟରେ ଆମେ ବଞ୍ଚିବା ସହିତ କିପରି ପ୍ରାଣୀଜଗତ ବଞ୍ଚି ରହିବ ସେଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ଅଧିକାରୀ କହିଛନ୍ତି।

## ମଦ ଜବତ ବେଳେ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ ଉଦ୍ୟମ

ଗୋପାଳପୁର,୯।୫

ଗୋପାଳପୁର ଥାନା ସାନକୁସ୍ଥଳି ଗ୍ରାମରେ ରବିବାର ଚୋରା ବିଦେଶୀ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଅବକାରୀ ଅଧିକାରୀମାନେ ଚଢ଼ାଉ କରିଥିଲେ। ସେଠାରେ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ ଉଦ୍ୟମ କରାଯାଇଛି। କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଜାରି ରହିଥିବା ବେଳେ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଜିଲାରେ ବନ୍ଦ ରହିଛି। ହେଲେ ସାନକୁସ୍ଥଳି ଗ୍ରାମର ଜନୈକ ବ୍ୟକ୍ତି ଦୀର୍ଘ ମାସ ହେଲା ଘରେ ଚୋରା ବିଦେଶୀ ମଦ ଅଧିକ ଦରରେ ବିକ୍ରି କରୁଥିଲେ। ଖବର ପାଇ ବ୍ରହ୍ମପୁର ଅବକାରୀ ଜିଲା ଷ୍ଟ୍ରାଇକିଂ ଫୋର୍ସ, ସଦର ରେଞ୍ଜ ଅଧିକାରୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କନିଷ୍ଠ ତହସିଲଦାର ମଧ୍ୟାହ୍ନରେ ଉକ୍ତ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଦୁଇଟି ବିୟର ବୋତଲ ଜବତ ହୋଇଥିଲା। ଅବକାରୀ ଅଧିକାରୀମାନେ ମଦ କେଉଁଠାରୁ ଆଣିଛ ବୋଲି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ଆମେ ପିଇବାକୁ ଆଣିଛୁ କହି ଯୁକ୍ତିତର୍କ କରି ଅବକାରୀ ଅଧିକାରୀଙ୍କୁ ଠେଲାପେଲା କରିବା ସହ ବିକ୍ରି କରୁଥିବା ବ୍ୟକ୍ତିଙ୍କ ପୁଅ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଗୋପାଳପୁର ଥାନା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ ଏନେଇ ଅଭିଯୋଗ ହୋଇନାହିଁ।

# ସାନିଟାଇଜ୍ ହେଲା ୩୧ ନଂ. ୱାର୍ଡ଼

ବ୍ରହ୍ମପୁର ଅଫିସ୍,୯।୫

ବ୍ରହ୍ମପୁର ମହାନଗରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ବିଏମ୍‌ସି ପକ୍ଷରୁ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ତେବେ ସହରରେ ସଂକ୍ରମଣକୁ ଏଡ଼ାଇବା ଲାଗି ମହାନଗରର ବିଭିନ୍ନ ୱାର୍ଡକୁ ସାନିଟାଇଜ୍ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। କିନ୍ତୁ ଏ ଦିଗରେ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଲୋକ ପ୍ରତିନିଧିମାନେ ଏହି ସାନିଟାଇଜ୍‌ପ୍ରକ୍ରିୟା ନିଜ ହାତକୁ ନେଇଛନ୍ତି। ରବିବାର ମହାନଗର ନିଗମ ଅନ୍ତର୍ଗତ ୩୧ ନଂ ୱାର୍ଡ ପୂର୍ବତନ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣାଙ୍କ ଉଦ୍ୟମ କ୍ରମେ ଉକ୍ତ ୱାର୍ଡକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି। ୱାର୍ଡର କପୋରେଟିଭ୍ କଲୋନୀ, ଅଶୋକ ନଗର, କମାପଲୀ ଓ ଗୋଇଲୁଣ୍ଡି ଆଦି ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ମହାନଗରର ଅନ୍ୟ ୱାର୍ଡରେ ମଧ୍ୟ ସାନିଟାଇଜ୍ କରାଯିବା ପାଇଁ ପୂର୍ବତନ କର୍ପୋରେଟର ଅନୁରୋଧ କରିଛନ୍ତି।




ଅଗ୍ନିଶମ ବିଭାଗ ପକ୍ଷରୁ ୱାର୍ଡ଼ ସାନିଟାଇଜ୍।

# ପୃଥକ ସ୍ଥାନରୁ ବିପୁଳ ମଦ ଜବତ, ୨ ଗିରଫ

**ଶଟ୍‌ଡାଉନରେ ମଦ କାରବାର**

ବ୍ରହ୍ମପୁର ଅଫିସ,୯।୫

ଶଟଡାଉନ୍ ବେଳେ ମଧ୍ୟ ବେଆଇନ ମଦ କାରବାର ଚାଲୁଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ବ୍ରହ୍ମପୁର ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବଡବଜାର ଥାନା ଓ ସଦର ଥାନା ପକ୍ଷରୁ ୨ଟି ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇ ପୃଥକ ଭାବେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ୭ମ ଲେନ୍‌ରେ ଥିବା ଏକ ଘରେ ବେଆଇନ ମଦ ବିକ୍ରି ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ସେ ନେଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ସେଠାରୁ ୧୨.୪୮୦ ଲିଟର ବିଭିନ୍ନ କମ୍ପାନୀର ବିଦେଶୀ ମଦ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ବିକ୍ରମ କୁମାର ସାହୁ ନାମକ ଜଣେ ଯୁବକଙ୍କୁ ମାମଲା ନମ୍ବର ୯୨/୨୧ରେ ଗିରଫ କରାଯାଇଛି। ସେହିପରି ସଦର ଥାନା ଅନ୍ତର୍ଗତ ବେଦ୍ଦାଳିଆ ଗାଁରେ ମଧ୍ୟ ପୋଲିସ ଟିମ୍ ଚଢ଼ାଉ କରି ରବୀନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମାମଲା ନମ୍ବର ୧୪୩/୨୧ ରେ ଗିରଫ କରିଛି। ତାଙ୍କ ନିକଟରୁ ୧୫.୪୦୦ ଲିଟର ବିଦେଶୀ ମଦ ଓ ଏକ ବାଇକ୍ ପୋଲିସ ଜବତ କରିଛି।



ଜବତ ମଦ ସହ ଗିରଫ ଅଭିଯୁକ୍ତ ।

# ତହସିଲଦାରଙ୍କୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୯।୫(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଳିଗଡ଼ ଖ୍ରୀଷ୍ଟିଆନ ସାହିରେ ଶୁକ୍ରବାର ବାହାଘର ବନ୍ଦ କରିବାକୁ ଯାଇଥିବା ତହସିଲଦାରଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ରବିବାର ଗିରଫ ହୋଇଛନ୍ତି। ସେ ହେଲେ ଉକ୍ତ ସାହିର ଜାନୁଏଲ ବୀର। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆର.ଉଦୟଗିରି ଏସଡିପିଓ ଦିଲୀପ କୁମାର ନାୟକ ସୂଚନା ଦେଇଛନ୍ତି।

କୋଭିଡ୍ ନିୟମ ଉଲ୍ଲଂଘନ କରି ଶୁକ୍ରବାର ସନ୍ଧ୍ୟାରେ ଖ୍ରୀଷ୍ଟିଆନ ସାହିରେ ଏକ ବାହାଘର ଶୋଭାଯାତ୍ରା ଚାଲିଥିବା ଖବରପାଇ ଆର୍. ଉଦୟଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ପୋଲିସ ସହ ଯାଇଥିଲେ। ସେମାନେ ବର ପରିବାରର ଲୋକଙ୍କୁ କୋଭିଡ୍ ନିୟମ ଉଲ୍ଲଂଘନ ସମ୍ପର୍କରେ ପଚାରିବାରୁ ଉଭୟ ପକ୍ଷରୁ କଥା କଟାକଟି ହୋଇଥିଲା। ସେହି ସମୟରେ ବିଦ୍ୟୁତ କଟିଯାଇଥିବା ବେଳେ ତହସିଲଦାର, ତାଙ୍କ ଡ୍ରାଇଭର ଓ ପୋଲିସ କର୍ମଚାରୀଙ୍କ ଉପରକୁ କେତେକ ଲୋକ ପଥର ମାଡ କରିଥିଲେ। ଏପରିକି ବିବାହ ଆୟୋଜନ କରୁଥିବା ପରିବାର ଲୋକେ ତହସିଲଦାରଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ଆହତ ତହସିଲଦାର, ଡ୍ରାଇଭର ଓ ପୋଲିସ କର୍ମଚାରୀ ଆହତ ହୋଇ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେବେଠୁ ଗିରଫ ଭୟରେ ଖ୍ରୀଷ୍ଟିଆନ ସାହି ପୁରୁଷଶୂନ୍ୟ ହୋଇଛି। ଘଟଣାଦିନ ରାତିରେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଖ୍ରିଷ୍ଟିଆନ ସାହିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଘଟଣାକୁ ଗଜପତି ଜିଲାପାଳ ଅନୁପମ ସାହା ଦୃଢ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପୋଲିସ ୯ ଜଣଙ୍କ ନାମରେ ମାମଲା (ନଂ.୫୮/୨୧) ରୁଜୁ କର ତଦନ୍ତ ଜାରି ରଖିଛି।



ଗିରଫ ଅଭିଯୁକ୍ତ।

# ରୋଜଗାର ହରାଇଲେ ସ୍ୱଳ୍ପ ଆୟକାରୀ, ଉଠା ଦୋକାନୀ

**କରୋନା ଦ୍ୱିତୀୟ ଲହର**

ରମ୍ଭା,୯।୫

କରୋନା ମହାମାରୀ ତାରା କାୟା ବିସ୍ତାର କରୁଥିବା ବେଳେ ରମ୍ଭା ଅଞ୍ଚଳର ସ୍ୱଳ୍ପ ଆୟକାରୀ ତଥା ଉଠା ଦୋକାନୀଙ୍କ ଜୀବନ ଜୀବିକା ଉପରେ ଅଙ୍କୁଶ ବୃଦ୍ଧି ଘଟିବାରେ ଲାଗିଛି। ଏହିପରି କିଛି ସମୟ କିମ୍ବା ଅନିର୍ଦ୍ଦିଷ୍ଟ କାଳ ଯଦି ଚାଲୁରହେ ତା'ହେଲେ ପରିବାର ପ୍ରତିପୋଷଣ କରିବା ଅସମ୍ଭାଳ ହୋଇପଡିବ ବୋଲି ସାଧାରଣରେ ଚିନ୍ତା ପ୍ରକଟ ହୋଇଛି। ସରକାର ଏପରି ପରିସ୍ଥିତିରେ କର୍ଫ୍ୟୁ, ଶଟ୍‌ଡାଉନ ଓ ୧୪ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଛଡ଼ା ସବୁ ବନ୍ଦ ରହିଥିବାରୁ ଉଠା ଦୋକାନୀ, ବସ୍‌ଷ୍ଟାଣ୍ଡ, ରାସ୍ତା ପାର୍ଶ୍ୱ, ଛକ ଜାଗା ଓ ଜନଗହଳି ପୂର୍ଣ୍ଣ ସ୍ଥାନଗୁଡ଼ିକରେ ବେରୋଜଗାରୀ ଓ ସ୍ୱଳ୍ପ ଆୟକାରୀଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଏପରି ସମୟରେ କରୋନାର ତୃତୀୟ ଲହର ଆସିବାକୁ ଏଡାଇ ଦିଆଯାଇନପାରେ ବୋଲି ବରିଷ୍ଠ ଚିକିତ୍ସା ଅଧିକାରୀ ଓ ପଦାଧିକାରୀ ପ୍ରକାଶ କରିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଭଙ୍ଗାରୁଜା



ପ୍ରବାସୀଙ୍କ ପ୍ରତିବାଦ।

ଆର.ଉଦୟଗିରି,୯।୫(ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ଲୁହାଗୁଡିସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ରବିବାର ପ୍ରବାସୀମାନେ ଭଙ୍ଗାରୁଜା କରିଛନ୍ତି। ବିଗତ ୩ ଦିନ ହେବ ବାହାର ରାଜ୍ୟରୁ ଆସିଥିବା ପ୍ରବାସୀଙ୍କୁ କମଳାପୁର ଚେକଗେଟଠାରେ ଯାଞ୍ଚ କରାଯାଇ ଏହି ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେଠାରେ ଖାଇବା ପିଇବା ଠିକ ଭାବରେ ମିଳୁନଥିବା ବେଳେ ଦିନ ୧୧ଟା ପର୍ଯ୍ୟନ୍ତ ଜଳଖିଆ ଦିଆଯାଇନଥିବା ଏଠାରେ ରହୁଥିବା ପ୍ରବାସୀମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେମାନେ ଗେଟ ଭାଙ୍ଗି ବାହାରକୁ ବାହାରି ଆସି ପ୍ରତିବାଦ କରିଛନ୍ତି। ଏହି ଘଟଣା ପରେ କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନଥିବା ବେଳେ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ମୋହନା ବିଡିଓ ଲୋକନାଥ ଦଳବେହେରା ଫୋନ ଯୋଗେ କହିଛନ୍ତି।

## ସଂକ୍ଷେପରେ

### ୫ ଫୁଟର ନାଗ ଉଦ୍ଧାର



ବୁଗୁଡ଼ା,୯।୫(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ବେତାରସିଙ୍ଗ ଗ୍ରାମରୁ ୫ ଫୁଟ ଲମ୍ବର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଶନିବାର ରାତି ପ୍ରାୟ ୧୧ଟାରେ ବେତାରସିଂ ଗ୍ରାମର ବିଦ୍ୟାଧର ଭୂୟାଁଙ୍କ ଘର କାନ୍ଥରେ ସାପ ଥିବା ଦେଖି ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ହରିଶ୍ ପାଢୀଙ୍କୁ ଜଣାଇଥିଲେ। ହରିଶ୍ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପକୁ ରବିବାର ନିକଟସ୍ଥ ଜଙ୍ଗଲରେ ଛାଡିଦିଆଯାଇଛି। ସେହିପରି ବାଲିପଦରର ଗୁନା ବାର୍ତ୍ତ୍ୟାଙ୍କଘରୁ ମଧ ରବିବାର ୫ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି।

### ସଙ୍ଗରୋଧ କେନ୍ଦ୍ରରେ ରହିଲେ ୧୭ ପ୍ରବାସୀ

କାଶୀନଗର,୯।୫(ଡି.ଏନ.ଏ.): କାଶୀନଗର ୧,୨,୩ ୱାର୍ଡର ପ୍ରବାସୀ ଶ୍ରମିକ ରବିବାର କୋଇମ୍ବାଟୁରଠାରୁ ଟ୍ରେନ ଯୋଗେ ବିଶାଖାପାଟଣାରୁ ଏକ ଟାକ୍ସିରେ ଆସି ଆନ୍ଧ୍ରର ତାଲଡଠାରେ ପହଞ୍ଚି ବଂଶଧାରା ନଦୀ ଡେଇଁ କାଶୀନଗର ପହଞ୍ଚିଥିଲେ। ଖବର ପାଇ କାଶୀନଗର ଆଇଆଇସି ସୁଶାନ୍ତ କୁମାର ସାହୁ ଏହି ପ୍ରବାସୀମାନଙ୍କୁ ଆଣି କାଶୀନଗର ବ୍ଲକ କଲୋନୀ ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରଖିଛି। ପ୍ରବାସୀମାନଙ୍କୁ ମେଡିକାଲ ଟେଷ୍ଟ ହୋଇନଥିବା ଜଣାପଡିଛି। ସରକାରଙ୍କ ସୂଚନା ମୁତାବକ ୧୪ଦିନ ସଙ୍ଗରୋଧ କେନ୍ଦ୍ରରେ ରହିବେ ବୋଲି କାଶୀନଗର କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ସତ୍ୟ ସମ୍ପୂର୍ଣ୍ଣା ରାଉତ କହିଛନ୍ତି।

### ଡିଭାଇଡରକୁ ଚଢ଼ିଗଲା ଟ୍ରକ

ଭଞ୍ଜନଗର,୯।୫(ଡି.ଏନ.ଏ): ଭଞ୍ଜନଗର ମୁଖ୍ୟରାସ୍ତା ପରିବା ମାର୍କେଟ ଛକରେ ଥିବା ରାସ୍ତା ଡିଭାଇଡ଼ର ଉପରକୁ ରବିବାର ଭୋରରେ ଏକ ଟ୍ରକ ଚଢ଼ିଯାଇଥିଲା। ଏହି ସମୟରେ ଟ୍ରକ ଆଗକୁ ଜଣେ ବାଇକ୍ ଚାଳକ ଆସିଯିବାରୁ ଖସିପଡ଼ି ବାଇକ୍ ଚାଳକ ସୋରିଷମୁଳିର ନୀଳାଞ୍ଚଳ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସପିଟାଲରେ ଭର୍ତ୍ତି କରିଥିଲେ । ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି । ଟ୍ରକ୍ ଧକ୍କାରେ ଷ୍ଟ୍ରିଟ୍ ଲାଇଟ୍ ଓ ଲୁହା ବାଡ଼ ଭାଙ୍ଗିଯାଇଛି ।

### ଗଜପତିରେ ପୁଣି ୧୦୦ ଆକ୍ରାନ୍ତ, ଜଣେ ମୃତ

ପାରଳାଖେମୁଣ୍ଡି,୯।୫(ଡି.ଏନ୍.ଏ.): ଗଜପତି ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ରବିବାର ୧୦୦ ଜଣଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୨୮୦ରେ ପହଞ୍ଚି ଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ପାରଳାଖେମୁଣ୍ଡିର ବୋଲି ଜଣାପଡିଛି। ଏହାକୁ ମିଶାଇ ଜିଲାରେ ୫ ଜଣ ମୃତ୍ୟୁବରଣ କରିଛନ୍ତି। ପାରଳାଖେମୁଣ୍ଡି ସହରରେ ପଜିଟିଭ୍ ସଂଖ୍ୟା ସର୍ବାଧିକ ୪୦ ରହିଛି । ଗୋଷାଣୀ ବ୍ଲକରୁ ୨୦, ଗୁମ୍ମା ବ୍ଲକରୁ ୨, କାଶୀନଗର ବ୍ଲକରୁ ୧୬, ମୋହନା ବ୍ଲକରୁ ୧୬, ରାୟଗଡ଼ ବ୍ଲକରୁ ୨, ନୂଆଗଡ଼ ବ୍ଲକରୁ ୪, ଆର୍.ଉଦୟଗିରି ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ନେଇ ଗଜପତି ଜିଲାପାଳ ଅନୁପମ ସାହା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

### ଇ-କୋମ କୋରିୟର ସୁପରଭାଇଜରଙ୍କ ମୃତ୍ୟୁ

ବୁଗୁଡ଼ା,୯।୫(ଡି.ଏନ.ଏ.): ବୁଗୁଡା ଏନ୍ଏସି ଅନ୍ତର୍ଗତ ୫ନଂ ୱାର୍ଡ ନୃସିଂହ ମନ୍ଦିର ନିକଟ ସୀମାଞ୍ଚଳ ମାର୍ଗରେ ଚାଲିଥିବା ଇ-କମ କୋରିୟର ସଂସ୍ଥାର ସୁପରଭାଇଜର ଲକ୍ଷ୍ମୀକାନ୍ତ ସାହୁ (୩୨)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୫ ଦିନ ହେଲା ଜ୍ୱରରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ଏମ୍କେସିଜିରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଦୁଇ ଦିନ ହେଲା ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ରବିବାର ସକାଳ ପ୍ରାୟ ୮ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ରହ୍ମପୁରଠାରେ କୋଭିଡ୍ ନିୟମ ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଛି। ସେ ପ୍ରାୟ ୩ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଗୋଟିଏ ଦେଢ ବର୍ଷର ଶିଶୁ କନ୍ୟା ଅଛି। ପୂର୍ବରୁ ବୁଗୁଡ଼ା ସହରରେ ୫ ଜଣଙ୍କ ମୃତ୍ୟୁ ଘଟିଛି।

# ରୋଗୀସେବା ନାଁରେ ଶୋଷଣ

## ଗଜପତି ଜିଲାରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

ପାରଳାଖେମୁଣ୍ଡି,୯।୫(ଡି.ଏନ୍.ଏ.)

ଗଜପତି ଜିଲାରେ ଥିବା ସରକାରୀ ଡାକ୍ତରଖାନାରେ ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ଲୋକେ ବାଧ ହୋଇ ନକଲି ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଶତାଧିକ ବାଂଲାଦେଶୀ କ୍ୱାକ୍ ରାସ୍ତା କଡ଼ରେ ବେଆଇନ ଭାବେ କ୍ଲିନିକ୍ ଖୋଲି ନିରୀହ ଲୋକଙ୍କୁ ଶୋଷଣ କରୁଛନ୍ତି। ପାଖରେ ସରକାରୀ ମେଡିକାଲ ଓ ପୋଲିସ ଥାନା ଥିଲେ ମଧ ବିନା ପ୍ରତିବନ୍ଧକରେ ଏଲୋପାଥି ଚିକିତ୍ସା କରୁଛନ୍ତି। ପଚାରିଲେ ସ୍ଥାନୀୟ ଥାନା ଓ ସ୍ୱାସ୍ଥ୍ୟ ବିଭାଗର ଜାଣତରେ କ୍ଲିନିକ୍ ଚାଲୁଥିବା ସେମାନେ କହୁଛନ୍ତି। ମୋହନା ବ୍ଲକ ଅନ୍ତର୍ଗତ ଅଡ଼ବାସ୍ଥିତ ରାଜରାସ୍ତା ପାର୍ଶ୍ୱରେ ୧୨ ବର୍ଷ ଧରି ବାଂଲାଦେଶୀ କ୍ୱାକ୍ଙ୍କ କ୍ଲିନିକ୍ ଚାଲୁଛି। ଏମାନେ ଭୁଲ ଚିକିତ୍ସା କରିବା ଦ୍ୱାରା ରୋଗୀଙ୍କ ମୃତ୍ୟୁ ଘଟୁଛି। ବାଂଲାଦେଶରୁ ଆସିଥିବା କ୍ୱାକ୍ମାନେ ନିଜର ନାମ ପରିବର୍ତ୍ତନ କରି ଭାରତୀୟ ପରିଚୟ ପତ୍ର ମଧ ହାତେଇଛନ୍ତି। ରାମଗିରି ହାଟପଦାରେ ଅନେକ ବର୍ଷ ଧରି ଚାଲିଥିବା ଏକ ବେଆଇନ କ୍ଲିନିକ୍କୁ ପ୍ରଶାସନ ଗତବର୍ଷ ସିଲ୍ କରିଥିଲା। ସେହିପରି ମୋହନାରେ ଚାଲିଥିବା ଏକ କ୍ଲିନିକ୍କୁ ସିଲ୍ କରାଯାଇଥିଲା। କିନ୍ତୁ ଏବେ ତାହା ପୁଣି ଖୋଲିଛି। ଜିଲାର ବିଭିନ୍ନ ସ୍ଥାରେ କ୍ୱାକ୍ ରୀତିମତ ଏପରି କ୍ଲିନିକ୍ ଖୋଲି ଲୋକଙ୍କୁ ଶୋଷଣ କରୁଛନ୍ତି। କ୍ୱାକ୍ଙ୍କ ବିରୋଧରେ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ନମିତା ପଣ୍ଡାଙ୍କୁ ପଚାରିବାରୁ ଗତବର୍ଷ ବେଆଇନ କ୍ଲିନିକ୍ସବୁ ସିଲ୍ କରାଯାଇଥିଲା। କିନ୍ତୁ ଏବେ ୬ମାସ ହେଲା କ୍ୱାକ୍ମାନେ ଖୋଲିଦେଲେ ବୋଲି କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପି. କେ. ପାତ୍ର ଏ ବିଷୟରେ ସେ ଅବଗତ ଅଛନ୍ତି, କେହି ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସରକାରୀ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ଅଭାବରୁ କ୍ୟାକ୍ଙ୍କ ଦ୍ୱାରା ଚିକିତ୍ସା ଚାଲିଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ଥିବା କହିଛନ୍ତି। କୌଣସି ଲୋକ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ଅନୁପମ ସାହାଙ୍କୁ ପଚାରିବାରେ ଏ ଦିଗରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ବାସୁଦେବପୁର ଗାଁରେ ଭୋଜି ବନ୍ଦ କରିବାକୁ ଆସିଥିବା ତହସିଲଦାର।

# କୋଭିଡ୍ ଟେଷ୍ଟ କରିବାକୁ ଜ୍ୱର ପୀଡ଼ିତଙ୍କ ଭୟ

ଦିଗପହଣ୍ଡି,୯।୫(ଡି.ଏନ.ଏ.)

- ଗ୍ରାମାଞ୍ଚଳରେ କ୍ୱାକ୍ ହାତରେ ଚିକିତ୍ସା
- କ୍ରିକେଟ୍, ଭଲିବଲ ଖେଳ ସମେତ ଭୋଜି ବନ୍ଦ

ଦିଗପହଣ୍ଡି ସହର ସମେତ ବ୍ଲକ ଅଧୀନ ଗ୍ରାମାଞ୍ଚଳ ଗୁଡିକରେ କରୋନା ସଂକ୍ରମଣ ବଢୁଛି। କେବଳ ଦିଗପହଣ୍ଡି ସହରରେ ୩୨ରୁ ଉର୍ଦ୍ଧ୍ୱ ସଂକ୍ରମିତ ରହିଛନ୍ତି। ଗ୍ରାମାଞ୍ଚଳଗୁଡିକରେ ରୋଗୀ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢୁଛି। ବହୁ ସଂଖ୍ୟକ ରାଜ୍ୟ ବାହାର ଫେରନ୍ତା ଓ ଅଧିକାଂଶ ଦୋକାନୀ ସଂକ୍ରମିତ ହୋଇଛନ୍ତି। ବ୍ରହ୍ମପୁରସ୍ଥିତ କୋଭିଡ୍ ହସ୍ପିଟାଲଗୁଡିକୁ ସଂକ୍ରମିତମାନେ ଯିବାକୁ ଭୟ କରୁଛନ୍ତି। ଏହାର ସୁଯୋଗ ନେଇ ଗ୍ରାମାଞ୍ଚଳରେ କ୍ୱାକ୍ମାନେ ତୁଟୁକା ଚିକିତ୍ସା କରି ବିଭିନ୍ନ ଉପାୟରେ ଶୋଷଣ କରୁଛନ୍ତି।

ବ୍ଲକର ଅଧିକାଂଶ ପଞ୍ଚାୟତରେ ଲୋକଙ୍କୁ ଥଣ୍ଡା, କାଶ ଓ ଜ୍ୱର ହେଉଛି। ସେମାନେ କରୋନା ଭୟରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ କ୍ୱାକ୍ମାନଙ୍କ ଦ୍ୱାରା ଘରେ ଚିକିତ୍ସା କରୁଛନ୍ତି। କେତେଜଣ ସଂକ୍ରମିତ ପଡୋଶୀ ଆନ୍ଧ୍ରପ୍ରଦେଶର ବିଭିନ୍ନ ଘରୋଇ ହସ୍ପିଟାଲ୍ରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ସମ୍ପର୍କୀୟ ଯା'ଆସ କରୁଥିବାରୁ ସଂକ୍ରମଣ ବଢୁଥିବା ଅଭିଯୋଗ ହୋଇଛି। ଏବେ ବି ଅନେକ ଜ୍ୱର ଆକ୍ରାନ୍ତ କୋଭିଡ ଟେଷ୍ଟ କରାଇବାକୁ ରାଜି ହେଉ ନ ଥିବା ଦେଖାଯାଉଛି। ଦିଗପହଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ ଏନ୍ଫୋର୍ସମେଣ୍ଟ ସ୍କ୍ୱାର୍ଡ ସହ ବିଜୟ ପଦ୍ମନାଭପୁର, କୁଶପଡ଼ା ଗାଁରେ ପହଞ୍ଚି କ୍ରିକେଟ୍ ଖେଳ ବନ୍ଦ କରିବା ସହ ବର୍ତ୍ତମାନ ସ୍ଥିତିରେ ଖେଳାଖେଳି ବନ୍ଦ ରଖିବାକୁ ତାଗିଦ କରିଥିଲେ। ସେହିପରି ରାଜପୁର ଗାଁ ଛକରେ ଚାଲିଥିବା ଭଲିବଲ ଖେଳ ଉପରେ ଚଢ଼ାଉ କରି ନେଟ୍ ବଲ୍ ଜବତ କରିଛନ୍ତି। ଶନିବାର ରାତିରେ କୋଭିଡ-୧୯ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବା ବାସୁଦେବପୁର ଗ୍ରାମ ସ୍ଥିତ ଏକ ସ୍କୁଲ ଭିତରେ ଚାଲିଥିବା ଭୋଜିରେ ତହସିଲଦାର ଚଢାଉ କରି ରନ୍ଧାଖାଦ୍ୟ ଓ ସାମଗ୍ରୀ ଜବତ କରିଥିଲେ। ଭୋଜି ଆୟୋଜକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀଙ୍କ ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଉପଜିଲାପାଳଙ୍କ ଡିସିଏଚ୍ସି ପରିଦର୍ଶନ



ଡିସିଏଚ୍ସି ପରିଦର୍ଶନ କରୁଛନ୍ତି ଉପଜିଲାପାଳ ।

## ରୋଗୀଙ୍କ ସହ କଥା ହେଲେ

ଭଞ୍ଜନଗର,୯।୫(ଡି.ଏନ.ଏ)

ଭଞ୍ଜନଗର, ଆସିକା, ବୁଗୁଡ଼ା, ବେଲଗୁଣ୍ଠା ବ୍ଲକ ଓ ଏନ୍ଏସି ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ରବିବାର ଭଞ୍ଜନଗର ଡେଡିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର (ଡିସିଏଚ୍ସି) ପରିଦର୍ଶନ କରିଥିଲେ। ପିପିଇ କିଟ୍ ପିନ୍ଧି ଉପଜିଲାପାଳ ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟସେବା କିଭଳି ମିଳୁଛି, ଖାଦ୍ୟ ଓ ଅନ୍ୟ ସୁବିଧା ଠିକ୍ ମିଳୁଛି କି ନାହିଁ ବୁଝିଥିଲେ । ମନୋବଳ ଦୃଢ଼ କରିବା ଏବଂ ସକରାତ୍ମକ ଚିନ୍ତା କଲେ ଆମେ କରୋନାକୁ ହରାଇ ପାରିବା। ଦରକାର ସମୟରେ ତୁରନ୍ତ ଡାକ୍ତରଙ୍କୁ ଜଣାଇବା ପାଇଁ ଉପଜିଲାପାଳ ରୋଗୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ ତୁରନ୍ତ ଭଞ୍ଜନଗରରେ ଖୋଲିବା ପାଇଁ ଦାବି ହୋଇଛି । ଏହା ହେଲେ ଅଞ୍ଚଳର ରୋଗୀମାନେ ଭେଣ୍ଟିଲେଟର ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ । ତେଣୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇଛି।

## ଖବର ପ୍ରକାଶ ପରେ ରାସ୍ତା ମରାମତି

ବୁଗୁଡ଼ା, ୯।୫(ଡି.ଏନ.ଏ.)

ବୁଗୁଡ଼ା ସହରର ପ୍ରମୁଖ ରାସ୍ତା ଜୀବନ ପାତ୍ର ଗଳି ମଝିରେ ହୋଇଥିବା ଡ୍ରେନ ଉପରେ ପଡ଼ିଥିବା କଭର ପ୍ଲେଟ ଭାଙ୍ଗି ପଡ଼ିଥିବାରୁ ଲୋକେ ବିପଦ ମଣୁଥିଲେ। ଏହି ରାସ୍ତା ଉପରେ ସହରର ଅନ୍ନପୂର୍ଣ୍ଣା ନଗର, ଅମିତ ନଗର, ମହିମା ନଗର, ଷ୍ଟାଡିୟମ୍ ସାହି, ବାଲିପିଣ୍ଡି ସାହି ଆଦି ଅନେକ ସାହି ବାସିନ୍ଦା ନିର୍ଭର କରୁଥିବା ବେଳେ ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ରାସ୍ତା ମଝିରେ ଡ୍ରେନ ନିର୍ମାଣ ହୋଇଥିବାରୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସନ୍ଧ୍ୟା ସମୟରେ ଏହି ରାସ୍ତା ଦେଇ ଯାଉଥିବା ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକ ଖାଲ ଯୋଗୁ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଥିଲା। ଏନେଇ ଖବର ପ୍ରକାଶ ପରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା। ବର୍ତ୍ତମାନ ଭାଙ୍ଗି ଯାଇଥିବା ଡ୍ରେନ୍ ପ୍ଲେଟ ବାହାର କରାଯାଇ ନୂତନ ପ୍ଲେଟ ପକାଯାଇ ସମତଳ କରାଯାଇଛି।

## ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ଭଞ୍ଜନଗର,୯।୫(ଡି.ଏନ.ଏ)

ସପ୍ତାହାନ୍ତ ଶଟ୍ଡାଉନ ଯୋଗୁ ଅସହାୟମାନେ ଖାଦ୍ୟ ଯୋଗାଡ଼ କରିପାରୁ ନ ଥିବା ବେଳେ ବଜାରରେ ବୁଲୁଥିବା ଗୃହପାଳିତ ପ୍ରାଣୀ ମଧ ଭୋକିଲା ରହୁଛନ୍ତି। ଏଭଳି ସ୍ଥିତିରେ ପ୍ରତ୍ୟେକ ଶଟ୍ଡାଉନ ସମୟରେ କାଳଭୈରବୀ ଚାରିଟେବୁଲ ଟ୍ରଷ୍ଟ ଭଞ୍ଜନଗର ଶାଖାର କର୍ମକର୍ତ୍ତା ମନୋଜ ମିଶ୍ର, ସିଦ୍ଧେଶ୍ୱର ଯୁବକ ସଂଘ ସଭାପତି ପଙ୍କଜ ଲୋଚନ, ଶିବରାମ, କସ୍ତୁରୀ ପ୍ରମୁଖ ଲୋକଙ୍କୁ ବୁଲିବୁଲି ଖାଦ୍ୟ ବଣ୍ଟନ କରୁଛନ୍ତି । ଏଥିସହ ବୁଲା ଗୋରୁ, କୁକୁର ଓ ମାଙ୍କଡ଼ଙ୍କୁ ମଧ୍ୟ ଖାଦ୍ୟ ଦେଇଥିଲେ ।

# ମହାମାୟୀ ଯାତ୍ରା ଶୁଭଖୁଣ୍ଟି ପ୍ରତ୍ୟାବର୍ତ୍ତନ ଦାବି



ମହାମାୟୀ ଯାତ୍ରା ଶୁଭଖୁଣ୍ଟି।

କବିସୂର୍ଯ୍ୟନଗର, ୯।୫

କବିସୂର୍ଯ୍ୟନଗରରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଧାର୍ମିକ କାର୍ଯ୍ୟ, ବିବାହ ଭୋଜି, ସଭାସମିତି ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି। ମନ୍ଦିରଗୁଡିକ ପ୍ରବେଶ ଉପରେ ଭକ୍ତଙ୍କ ଲାଗି ରୋକ୍ ଲଗାଯାଇଛି। ଗତବର୍ଷ ଫେବୃୟାରୀ ୨୮ ତାରିଖରେ ମା'ଙ୍କ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କିନ୍ତୁ କୋଭିଡ ହେତୁ ଗତ ଏପ୍ରିଲ ୨୭ରେ ମା'ଙ୍କ ଗୃହ ପ୍ରତିଷ୍ଠା ଓ ଏପ୍ରିଲ ୨୯ରେ ମହାମାୟୀ ଯାତ୍ରା ଆରମ୍ଭ ହୋଇପାରି ନ ଥିଲା। ଏହି ମଧରେ ଶୁଭ ଖୁଣ୍ଟି ପ୍ରତିଷ୍ଠାର ୧୪ ମାସ ବିତିଗଲା, କିନ୍ତୁ ଶୁଭଖୁଣ୍ଟି ପ୍ରତ୍ୟାବର୍ତ୍ତନ ଲାଗି ମହାମାୟୀ ଯାତ୍ରା କମିଟି ନିଷ୍ପତ୍ତି ନ ନେବା ସମସ୍ତ ଭକ୍ତ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଲୋକଙ୍କ ଜୀବନ ଜୀବିକା ରକ୍ଷଣ ଲାଗି ତାଙ୍କ ପୀଠସ୍ଥଳୀ ମା' ମହାମାୟୀ ମନ୍ଦିରକୁ ନେବାଲାଗି ଦାବି ହେଉଛି। ଏପରି କି ମହାମାୟୀ କମିଟି ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀ ମନ୍ଦିର ଆଲୋଚନା ସଭାରେ ବାରମ୍ବାର ଶୁଭଖୁଣ୍ଟି ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତାବ ଦେଇଥିଲେ ସୁଦ୍ଧା କେହି ଭ୍ରୂକ୍ଷେପ ନ କରିବା ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହିଛନ୍ତି, ଶୁଭଖୁଣ୍ଟି ସ୍ଥାନରେ ଏକ ଚାଳଘର ଶୀଘ୍ର ନିର୍ମାଣ କରାଯିବ।

# ଗାଁମୁହାଁ ସଂକ୍ରମଣ, ଶତାଧିକ ଆକ୍ରାନ୍ତ

ବୁଗୁଡ଼ା,୯।୫(ଡି.ଏନ୍.ଏ.)

ସୁନାମି ଭଳି ମାଡ଼ିଚାଲିଛି ମହାମାରୀର ଦ୍ୱିତୀୟ ଲହର। କେବଳ ସହର କାହିଁକି ବିଭିନ୍ନ ଗାଁ ଗଣ୍ଡାରେ ଜ୍ୱର, ଥଣ୍ଡା, କାଶରେ ଆକ୍ରାନ୍ତ ହୋଇ ଶତାଧିକ ଲୋକ ଘରେ ପଡ଼ିଛନ୍ତି। କରୋନା ଲକ୍ଷଣ ଥିଲେ ହେଁ ଭୟରେ କୋଭିଡ୍ ଟେଷ୍ଟ କରିବାକୁ ଯାଉନାହାନ୍ତି। ଆଉ କେହି କେହି ଏହାକୁ ଅଜଣା ଜ୍ୱର ବୋଲି କହୁଛନ୍ତି। ଅଧିକାଂଶ ଲୋକ ଡାକ୍ତରଙ୍କ ପରାମର୍ଶ ନ ନେଇ କ୍ୱାକ୍ମାନଙ୍କ ପାଖରୁ ଔଷଧ ଖାଇ ଘରେ ପଡିରହିଛନ୍ତି। କ୍ୱାକ୍ମାନେ ମଧ ଏହାର ଭରପୂର ଫାଇଦା ଉଠାଉଥିବା ଆଲୋଚନା ହେଉଛି। କ୍ୱାକ୍ଙ୍କ ଦ୍ୱାରା ଚିକିତ୍ସା ହୋଇ ଗୁରୁତର ହେବା ପରେ ମେଡିକାଲ ଯାଇ ନୂଆଁ ପାଣିକେଶ୍ୱର ଗ୍ରାମର ଜଣେ ଓ ଚିଟିକିପଡ଼ା ଗ୍ରାମର ଦୁଇ ଜଣଙ୍କ ମୃତ୍ୟୁ ଘଟିଲାଣି। ଗତ ମେ ପହିଲାରୁ ଆଜି ପର୍ଯ୍ୟନ୍ତ ବୁଗୁଡ଼ା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୬୦ରୁ ଉର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ସାମାନ୍ୟ ଲକ୍ଷଣ ଦେଖାଦେଲେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି କୋଭିଡ୍ ପରୀକ୍ଷା କରାଇ ନେବା ସହ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ ନ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭାଶିଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଖ୍ରୀଷ୍ଟିଆନ ସାହିରେ ପାନୀୟ ଜଳ ସମସ୍ୟା

ଆର.ଉଦୟଗିରି, ୯।୫(ଡି.ଏନ.ଏ.)



ଲୋକେ ବ୍ୟବହାର କରୁଥିବା ଦୂଷିତ ଜଳ।

ମୋହନା ବ୍ଲକର ପି.ଗୋବିନ୍ଦପୁର ଗ୍ରାମ ଖ୍ରୀଷ୍ଟିଆନ ସାହି ବାସିନ୍ଦା ଦୀର୍ଘ ବର୍ଷ ଧରି ଏକ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଦୂଷିତ କୂଅର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ବ୍ଲକ ଓ ଜିଲା ପ୍ରଶାସନକୁ ବାରମ୍ବାର ପାନୀୟ ଜଳର ପ୍ରତିକାର ନିମନ୍ତେ ଲିଖିତ ଅଭିଯୋଗ କରିଆସୁଥିଲେ ମଧ ସୁଫଳ ମିଳୁ ନ ଥିବା କହିଛନ୍ତି। ଅନ୍ତତଃପକ୍ଷେ ଗ୍ରାମରେ ନଳକୂପଟିଏ ବସାଇବା ପାଇଁ ଅନୁରୋଧ କରିଛନ୍ତି। ପାନୀୟ ଜଳର ଅଭାବ ମେଣ୍ଟାଇବା ପାଇଁ ସାହିରେ ବସବାସ କରୁଥିବା ୪୦ ପରିବାରର ପ୍ରାୟ ୩୦୦ରୁ ୩୫୦ ଲୋକ ସାହି ପଛପଟେ ଥିବା ଏକ ପୁରୁଣା ପରିତ୍ୟକ୍ତ କୂଅର ଦୂଷିତ ଜଳକୁ ପାନୀୟ ଓ ସ୍ନାନଶୌଚ ଭାବେ ବ୍ୟବହାର କରି ଆସୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ପାନୀୟ ଜଳର ସୁବିଧା ଓ ଆବାସ ଯୋଗାଇଦେବା ପାଇଁ ସାହିବାସିନ୍ଦା ଦାବି କରିଛନ୍ତି।

## ଶଟ୍ଡାଉନରେ ଗଞ୍ଜାମ ସହର ଖାଁ ଖାଁ

ଗଞ୍ଜାମ,୯।୫(ଡି.ଏନ.ଏ.)

କରୋନା ସଂକ୍ରମଣ ସଂଖ୍ୟା ହୁ ହୁ ହୋଇ ବଢୁଥିବା ଯୋଗୁ ସରକାର ପ୍ରତି ଶନି ଓ ରବିବାର ଦୁଇଦିନ ସଟଡାଉନ ଘୋଷଣା କରିଛନ୍ତି। କିଛି ଅମାନିଆ ଯିବା ଆସିବା କରୁଥିବା ବେଳେ ସେମାନଙ୍କୁ ସାବାଡ କରିବାକୁ ଗଞ୍ଜାମ ଥାନା ଆଇଆଇସି ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ପାଟ୍ରୋଲିଂ କଡାକଡି କରାଯାଇଛି। ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ସହରରେ ଲୋକମାନେ କୋଭିଡ କଟକଣା ମାନୁଥିବା ଯୋଗୁ କୋଭିଡ ସ୍ଥିତି ଏଠାରେ ନିୟନ୍ତ୍ରଣାଧୀନ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ମୃତ ପ୍ରଧାନ ଶିକ୍ଷକଙ୍କ ପରିବାରକୁ ସହାୟତା

ବୁଗୁଡ଼ା,୯।୫(ଡି.ଏନ.ଏ.)

କରୋନାରେ ମୃତ୍ୟୁବରଣ ଘଟିଥିବା ଭଗବାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସେଠୀଙ୍କ ପରିବାରକୁ ବୁଗୁଡ଼ା ବ୍ଲକ ନ୍ୟାଶନାଲ୍ ପେନସନ ସିଷ୍ଟମ ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସିଆର୍ସିସି ତ୍ରିନାଥ ମହାରଣା, ଭବାନୀ ଶଙ୍କର ପାତ୍ର, ଆଶୁତୋଷ ମିଶ୍ର ଓ ବାୟା ସେଠୀ ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ସ୍ଥାନୀୟ ସୀମାଞ୍ଚଳ ମାର୍ଗ ନିକଟସ୍ଥ ବାସଭବନରେ ପହଞ୍ଚି ଏହି ସହାୟତା ରାଶି ପ୍ରଦାନ କରିବା ସହିତ ତାଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ।



ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଖଜୁରିପଡ଼ା,୯।୫(ଡି.ଏନ.ଏ.)

ଫୁଲବାଣୀଠାରୁ ବୌଦ୍ଧ ଜିଲାକୁ ସଂଯୋଗ ହୋଇଥିବା ୧୫୭ ଜାତୀୟ ରାଜପଥ କଡ଼ ଜିଲାର ଶେଷ ସୀମାବର୍ତ୍ତୀରେ ଅବସ୍ଥିତ ୯ ଖଣ୍ଡ ଗ୍ରାମ ଯଥା ରାଣୀପଥର, ଗେଟାମୁଣ୍ଡା, ବାଘିଆଣ୍ଟା, କୁଆଘରା, କୁଣ୍ଡାପଥର, ଖାଣ୍ଡିକୁଟି, ବଡ଼ଆଣ୍ଟ, କେଶରପଡ଼ା, ଘାଟିଗାଁ, ଫୁଲବାଣୀ ହେଡକ୍ୱାର୍ଟରଠାରୁ ୩୦ କିମି ଦୂର, ଖଜୁରିପଡ଼ା ବ୍ଲକ ହେଡକ୍ୱାର୍ଟରଠାରୁ ୫୫ କିମି ଦୂର, ସୁଡୁକୁମ୍ପା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୯ କିମି ଦୂର। ହେଲେ ଫୁଲବାଣୀ ହେଉ କିମ୍ବା ଖଜୁରିପଡ଼ା ବ୍ଲକ ଓ ସୁଡୁକୁମ୍ପା ପଞ୍ଚାୟତକୁ ଯିବାକୁ ହେଲେ ଦୁଇଟି ଘାଟି ପାର ହୋଇ ଯିବାକୁ ପଡ଼ିଥାଏ। ୧୫୭ ଜାତୀୟ ରାଜପଥ କଡ଼ରେ ଏହି ୨ ଗୋଟି ୱାର୍ଡ ଓ ୯ ଖଣ୍ଡ ଗ୍ରାମ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ୫ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏହି ୫ଟି ଦାବିପୂରଣ ପାଇଁ ଗତ ୪ ତାରିଖରେ ସାମାଜିକ କର୍ମୀ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ କୋଭିଡ୍ କଟକଣା ମଧରେ ଏକ ବୈଠକ କରାଯାଇଥିଲା। ପ୍ରତ୍ୟେକ ମାସରେ ୯ ଖଣ୍ଡ ଗ୍ରାମର ୨୫୦ ରାଶନ କାର୍ଡ ପରିବାରଙ୍କୁ ରାଣୀପଥରଠାରେ ଆଣି ଚାଉଳ ଦେବା ଓ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ, ବସୁଧା ଯୋଜନରେ ୯ ଖଣ୍ଡ ଗ୍ରାମକୁ ପିଇବା ପାଣି ଯୋଗାଇବା, ବିଦ୍ୟୁତ୍ ସମସ୍ୟା ଆଦିର ସମାଧାନ ପାଇଁ ଏକ ଦାବିପତ୍ରରେ ସମସ୍ତେ ଦସ୍ତଖତ କରି ଶୁକ୍ରବାର ଜିଲାପାଳ ଡ. ବୃନ୍ଦା ଡିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପୂରଣ ନ ହେଲେ ୯ ଖଣ୍ଡ ଗ୍ରାମବାସୀ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକେ।

